# The Odisha Gazette

EXTRAORDINARY
PUBLISHED BY AUTHORITY

No. 513, CUTTACK, FRIDAY, MARCH 24, 2017/ CHAITRA 3, 1939

## HOUSING & URBAN DEVELOPMENT DEPARTMENT

NOTIFICATION

The 23rd March, 2017

**S.R.O. No.135**/2017— Whereas the draft of certain rules further to amend the Odisha Municipal Corporation (Division of City into Wards, Reservation of Seats and Conduct of Election) Rules, 2003 was published as required by sub-section (1) of Section 656 of the Odisha Municipal Corporation Act, 2003 (Odisha Act, 11 of 2003) in the Extraordinary issue No. 2392, dated the 26th December, 2016 of the *Odisha Gazette* under the notification of the Government of Odisha in the Housing & Urban Development Department No.30209–HUD-13-LEGIS-67-POLICY-15-39/2016,dated the 26th December, 2016 bearing **S.R.O. No. 644**/2016 inviting objections and suggestions from all persons likely to be affected thereby within a period of thirty days from the date of publication of the said notification in the *Odisha Gazette*;

And, whereas, no objection or suggestion has been received in respect of the said draft within the stipulated period;

Now, therefore, in exercise the powers conferred by Sections 16 and 79 readwith sub-section (4) of Section 65 of the said Act, the State Government do hereby make the following rules further to amend the Odisha Municipal Corporation (Division of City into Wards, Reservation of Seats and Conduct of Election) Rules, 2003, namely:—

**1.** *(1)* These rules may be called the Odisha Municipal Corporation (Division of City into Wards, Reservation of Seats and Conduct of Election) Amendment Rules, 2017.

*(2)* They shall come into force on the date of their publication in the *Odisha Gazette*.

**2.** In the Odisha Municipal Corporation (Division of City into Wards, Reservation of Seats and Conduct of Election) Rules, 2003, (hereinafter referred to as the said rules) in rule 12, after the words “Election Officer” appearing in the last sentence, the words “subject to appeal” shall be inserted.

**3.** In the said rules, after rule 12, the following rule shall be inserted, namely:—

"12 A. Appeal: Any person aggrieved by the orders passed by the Election Officer under rule 12 shall prefer an appeal before the District Magistrate or the officer appointed by the Commission as Appellate Authority within five days from the date of completion of all works by the Election Officer under rule 12 and 14. The District Magistrate or the officer appointed by the State Election Commission as Appellate Authority shall within seven days from the last date of receipt of appeal, dispose of the appeal by conducting a summary enquiry. The orders passed by the District Magistrate or the officer appointed by the Commission as Appellate Authority shall be final and shall not liable to be questioned in any legal proceeding.", and

**4.** In the said rules, in rule 16, in sub-rule(1), the word and figures "and 12 A" shall be added after the word and figures "rule 12".

[No. 6762–HUD-13-LEGIS-67-POLICY-15-11/2017/HUD.]

By Order of the Governor

G. MATHIVATHANAN

Commissioner-*cum*-Secretary to Government

# ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ

## ଅଧିସୂଚନା

ତା. 23.03.2017

**ଏସ.ଆର୍.ଓ. ସଂଖ୍ୟା-135**/2017—ଯେହେତୁ ଓଡିଶା ପୌର ନିଗମ ଅଧିନିୟମ, 2003 (2003 ର ଓଡିଶା ଅଧିନିୟମ 11) ର ଉପଧାରା (1) ର ଧାରା 656 ଦ୍ୱାରା ଆବଶ୍ୟକ ହେଉଥିବା ପ୍ରକାରେ ଓଡିଶା ପୌର ନିଗମ (ନଗରକୁ ବିଭିନ୍ନ ୱାର୍ଡରେ ବିଭାଜନ, ଆସନ ସଂରକ୍ଷଣ ଓ ନିର୍ବାଚନ ସଂଚାଳନ) ନିୟମାବଳୀ, 2003 କୁ ଅଧିକତର ସଂଶୋଧନ କରିବା ନିମନ୍ତେ ତାହାର ଏକ ଚିଠା ନିୟମାବଳୀ ଓଡିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅଧିସୂଚନା ସଂଖ୍ୟା 30209-ଏଚ୍‌ୟୁଡି-13-ଲେଜିସ୍-67-ପଲିସି-15-39/2016, ତା. 26 ଡିସେମ୍ବର, 2016 ରିଖରେ *ଓଡିଶା ଗେଜେଟ୍*ର ଅସାଧାରଣ ସଂଖ୍ୟା 2392 ତା.26 ଡିସେମ୍ବର, 2016 ରିଖରେ **ଏସ.ଆର୍.ଓ. ସଂଖ୍ୟା 644**/2016 ଭାବରେ ପ୍ରକାଶ କରାଯାଇ ତଦ୍ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ସମସ୍ତ ବ୍ୟକ୍ତିଙ୍କଠାରୁ ଉକ୍ତ ଅଧିସୂଚନା *ଓଡିଶା ଗେଜେଟ୍*ରେ ପ୍ରକାଶିତ ହେବାର ତିରିଶ ଦିନ ମଧ୍ୟରେ ଆପତ୍ତି ଓ ପ୍ରସ୍ତାବମାନ ଆହ୍ୱାନ କରାଯାଇଥିଲା;

ଏବଂ, ଯେହେତୁ ନିର୍ଦ୍ଧାରିତ ଅବଧି ମଧ୍ୟରେ ଉକ୍ତ ଚିଠା ସମ୍ବନ୍ଧରେ କୌଣସି ଆପତ୍ତି ବା ପ୍ରସ୍ତାବ ପ୍ରାପ୍ତ ହୋଇନାହିଁ;

ସୁତରାଂ, ସଂପ୍ରତି, ରାଜ୍ୟ ସରକାର ଉକ୍ତ ଅଧିନିୟମର ଧାରା 16 ଓ 79 ତଥାଧାରା 65ର ଉପଧାରା(4) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ, ଓଡିଶା ପୌର ନିଗମ (ନଗରକୁ ବିଭିନ୍ନ ୱାର୍ଡରେ ବିଭାଜନ, ଆସନ ସଂରକ୍ଷଣ ଓ ନିର୍ବାଚନ ସଂଚାଳନ) ନିୟମାବଳୀ, 2003 କୁ ଅଧିକତର ସଂଶୋଧନ କରିବା ନିମନ୍ତେ ଏତଦ୍ଦ୍ୱାରା ନିମ୍ନଲିଖିତ ନିୟମାବଳୀ ପ୍ରଣୟନ କରୁଅଛନ୍ତି, ଯଥା:—

1. (1) ଏହି ନିୟମାବଳୀଟି ଓଡିଶା ପୌର ନିଗମ (ନଗରକୁ ବିଭିନ୍ନ ୱାର୍ଡରେ ବିଭାଜନ, ଆସନ ସଂରକ୍ଷଣ ଓ ନିର୍ବାଚନ ସଂଚାଳନ) ସଂଶୋଧନ ନିୟମାବଳୀ, 2017 ନାମରେ ଅଭିହିତ ହେବ ।

(2) *ଓଡିଶା ଗେଜେଟ*ରେ ପ୍ରକାଶିତ ହେବା ତାରିଖ ଠାରୁ ଏହା ବଳବତ୍ତର ହେବ ।

2. ଓଡିଶା ପୌର ନିଗମ (ନଗରକୁ ବିଭିନ୍ନ ୱାର୍ଡରେ ବିଭାଜନ, ଆସନ ସଂରକ୍ଷଣ ଓ ନିର୍ବାଚନ ସଂଚାଳନ) ନିୟମାବଳୀ, 2003 (ଏହାପରେ ଉକ୍ତ ନିୟମାବଳୀ ଭାବେ ସୂଚୀତ)ର ନିୟମ 12 ର ଶେଷ ବାକ୍ୟରେ ଥିବା "ନିର୍ବାଚନ ଅଧିକାରୀ" ଶବ୍ଦଗୁଡିକ ପରେ "ଅପିଲ ପ୍ରତି ସାପେକ୍ଷ ରହି" ଶବ୍ଦଗୁଡିକ ଅନ୍ତଃସ୍ଥାପିତ ହେବ ।

3. ଉକ୍ତ ନିୟମାବଳୀର ନିୟମ 12 ପରେ, ନିମ୍ନଲିଖିତ ନିୟମଟି ଅନ୍ତଃସ୍ଥାପିତ ହେବ, ଯଥା: —

"12କ.ଅପିଲ : ନିୟମ 12 ଅନୁଯାୟୀ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ଆଦେଶ ଦ୍ୱାରା ବ୍ୟଥିତ ଯେ କୌଣସି ବ୍ୟକ୍ତି, ନିୟମ 12 ଓ 14 ଅନୁଯାୟୀ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ସମସ୍ତ କାର୍ଯ୍ୟର ସମାପ୍ତି କରାଯିବା ତାରିଖ ଠାରୁ ପାଞ୍ଚଦିନ ମଧ୍ୟରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସମକ୍ଷରେ ବା ଅପିଲ ପ୍ରାଧିକାରୀ ରୂପେ କମିସନଙ୍କ ଦ୍ୱାରା ନିଯୁକ୍ତ ଅଧିକାରୀଙ୍କ ସମକ୍ଷରେ ଏକ ଅପିଲ ଦାଏର କରିବେ । ଜିଲ୍ଲା

ମାଜିଷ୍ଟ୍ରେଟ କିମ୍ବା ରାଜ୍ୟ ନିର୍ବାଚନ କମିସନଙ୍କ ଦ୍ୱାରା ଅପିଲ ପ୍ରାଧିକାରୀ ରୂପେ ନିଯୁକ୍ତ ଅଧିକାରୀ ଅପିଲ ପ୍ରାପ୍ତିର ଶେଷ ତାରିଖ ଠାରୁ ସାତଦିନ ମଧ୍ୟରେ ଏକ ସଂକ୍ଷିପ୍ତ ତଦନ୍ତ କରି ଅପିଲ ଫଏସଲା କରିବେ । ଅପିଲ ପ୍ରାଧିକାରୀ ରୂପେ ଜିଲ୍ଲା ମାଜିଷ୍ଟ୍ରେଟ୍ କିମ୍ବା କମିସନଙ୍କ ଦ୍ୱାରା ନିଯୁକ୍ତ ଅଧିକାରୀ ଦେଇଥିବା ଆଦେଶ ଚୂଡାନ୍ତ ହେବ ଏବଂ କୌଣସି ବିଧିକ କାର୍ଯ୍ୟ ବିଧିରେ ତାବିରୋଧରେ କୌଣସି ପ୍ରଶ୍ନ ଉଠାଯିବ ନାହିଁ ;" ଏବଂ

**4.** ଉକ୍ତ ନିଯ୍ମାବଳୀର ନିଯ୍ମ 16 ର ଉପ ନିଯ୍ମ (1) ରେ ଶବ୍ଦ ଓ ଅଂକ "ନିଯ୍ମ 12" ପରେ "ଏବଂ 12କ" ଶବ୍ଦ ଓ ଅଙ୍କ ଯୋଗ କରାଯିବ ।

[ସଂଖ୍ୟା-6762-ଏଚ୍.ୟୁ.ଡି.-13-ଲେଜିସ୍-67-ପଲିସ୍-15-11/2017/ଗୃ.ନ.ଉ.]
ରାଜ୍ୟପାଳଙ୍କ ଆଦେଶ କ୍ରମେ

ଜି. ମାଥି ଭାଥନନ୍
କମିସନର-*ତଥା*-ଶାସନ ସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 2383-173+500